# ପରମେଶ୍ୱରଙ୍କ ନିକଟକୁ ରାସ୍ତା





©1998 by Rose Stair Goodman. Cover art, Edwin B. Wallace.

# ପରମେଶ୍ୱର ସଂସାର ଓ ପ୍ରତ୍ୟେକ ଜୀବିତ ପ୍ରାଣୀଙ୍କୁ ସୃଷ୍ଟି କରିଅଛନ୍ତି । 1

‘‘ଆଦ୍ୟରେ ପରମେଶ୍ୱର ଆକାଶ ମଣ୍ଡଳ ଓ ପୃଥିବୀର ସୃଷ୍ଟି କଲେ ।’’ ଆଦି ୧:୧

କାରଣ ଦୃଶ୍ୟ ଓ ଅଦୃଶ୍ୟ, ସ୍ୱର୍ଗରେ ଓ ପୃଥିବୀରେ ସମସ୍ତ ବିଷୟ ତାହାଙ୍କ ଦ୍ୱାରା ସୃଷ୍ଟି ହେଲା । କଲସୀ ୧:୧୬

‘‘ତୁମ୍ଭେମାନେ ସ୍ୱର୍ଗ ଓ ପୃଥିବୀର ସୃଷ୍ଟିକର୍ତ୍ତା ସଦାପ୍ରଭୁଙ୍କର ଆଶୀର୍ବାଦପାତ୍ର ଅଟ । ସ୍ୱର୍ଗ ସଦାପ୍ରଭୁଙ୍କର ସ୍ୱର୍ଗ; ମାତ୍ର ସେ ମନୁଷ୍ୟ–ସନ୍ତାନଗଣକୁ ପୃଥିବୀ ଦେଇଅଛନ୍ତି ।’’

ଗୀତସଂହିତା ୧୧୫:୧୫, ୧୬

ଯେତେବେଳେ ପରମେଶ୍ୱର ଏହି ପୃଥିବୀକୁ ମନୁଷ୍ୟକୁ ଅଧିକାର କରିବାକୁ ଦେଲେ ସେହି ସମୟରେ, ପୃଥିବୀ ସମସ୍ତ ବସ୍ତୁ ଏବଂ ପ୍ରାଣୀମାନଙ୍କ ଦ୍ୱାରା ପରିପୂର୍ଣ୍ଣ ଥିଲା ।

# ପରମେଶ୍ୱର ମନୁଷ୍ୟକୁ ସୃଷ୍ଟି କଲେ



ପୁଣି ପରମେଶ୍ୱର କହିଲେ, ଆମ୍ଭେମାନେ ଆପଣା ପ୍ରତିମୂର୍ତ୍ତିରେ ଓ ଆପଣା ସାଦୃଶ୍ୟରେ ମନୁଷ୍ୟର ନିର୍ମାଣ କରୁ ... ସେମାନେ ସମସ୍ତ ପୃଥିବୀରେ କର୍ତ୍ତୃତ୍ୱ କରିବେ । ଆଦି ୧:୨୬

# ମନୁଷ୍ୟ ଏକ ଜୀବିତ ପ୍ରାଣୀ ହେଲା



''ଅନନ୍ତର ସଦାପ୍ରଭୁ ପରମେଶ୍ୱର ଭୂମିର ଧୂଳି ଦ୍ୱାରା ମନୁଷ୍ୟକୁ ନିର୍ମାଣ କରି ତାହାର ନାସିକାରନ୍ଧ୍ରରେ ଫୁଙ୍କ ଦେଇ ପ୍ରାଣବାୟୁ ପ୍ରବେଶ କରାଇଲେ; ତହିଁରେ ମନୁଷ୍ୟ ଜୀବିତ ପ୍ରାଣୀ ହେଲା ।'' ଆଦି ୨:୭

''ଅନନ୍ତର ସଦାପ୍ରଭୁ ପରମେଶ୍ୱର କହିଲେ, ମନୁଷ୍ୟ ଏକାକୀ ଥିବା ଭଲ ନୁହେଁ, ଆମ୍ଭେ ତାହା ନିମନ୍ତେ ତାହାର ଅନୁରୂପ ସହକାରିଣୀ ନିର୍ମାଣ କରିବା ।''

''ଅନନ୍ତର ସଦାପ୍ରଭୁ ପରମେଶ୍ୱର ଆଦମଙ୍କୁ ଘୋର ନିଦ୍ରାଗ୍ରସ୍ତ କରାଇ ସେହି ନିଦ୍ରା ସମୟରେ ତାଙ୍କର ଖଣ୍ଡେ ପଞ୍ଜରା ନେଇ ମାଂସ ଦ୍ୱାରା ସେହି ସ୍ଥାନ ପୂର୍ଣ୍ଣ କଲେ । ଆଉ ସଦାପ୍ରଭୁ ପରମେଶ୍ୱର ଆଦମଙ୍କଠାରୁ ଯେଉଁ ପଞ୍ଜରା ଖଣ୍ଡିକ ନେଲେ, ତଦ୍ଦ୍ୱାରା ଏକ ସ୍ତ୍ରୀ ନିର୍ମାଣ କରି ଆଦମଙ୍କ ନିକଟକୁ ଆଣିଲେ ।'' ଆଦି. ୨:୧୮, ୨୧-୨୨

# ଆଦମ ଏବଂ ହବା ପରମେଶ୍ୱରଙ୍କ ଆଜ୍ଞାକୁ ଲଙ୍ଘନ କଲେ



ଆମ୍ଭମାନେ କେବେ ମଧ୍ୟ ଶୟତାନର ସ୍ୱର ଶୁଣିବା ଆବଶ୍ୟକ ନୁହେଁ ।

''ସଦାପ୍ରଭୁ ପରମେଶ୍ୱର ସେହି ମନୁଷ୍ୟକୁ ନେଇ ଏଦନ ଉଦ୍ୟାନର କୃଷିକର୍ମ ଓ ରକ୍ଷା କରିବା ପାଇଁ ନିଯୁକ୍ତ କଲେ । ସଦାପ୍ରଭୁ ପରମେଶ୍ୱର ସେହି ମନୁଷ୍ୟକୁ ଆଜ୍ଞା ଦେଇ କହିଲେ, ତୁମ୍ଭେ ଉଦ୍ୟାନର ସମସ୍ତ ବୃକ୍ଷର ଫଳ ସ୍ୱଚ୍ଛନ୍ଦରେ ଭୋଜନ କରି ପାର, ମାତ୍ର ସଦସତ୍ ଜ୍ଞାନଦାୟକ ବୃକ୍ଷର ଫଳ ଭୋଜନ କରିବ ନାହିଁ, ଯେହେତୁ ଯେଉଁ ଦିନ ତାହା ଖାଇବ, ସେହି ଦିନ ନିତାନ୍ତ ମରିବ ।''

ଆଦି ୨:୧୫-୧୭

ସର୍ପ ଯାହାକୁ ଦୁଷ୍ଟ ଶୟତାନ ବୋଲି ମଧ୍ୟ କୁହାଯାଏ ପରମେଶ୍ୱରଙ୍କ ଆଜ୍ଞାର ପରିଣାମ ଦେଲା ଓ ମିଥ୍ୟା କହିଲା ।

''ସର୍ପ ନାରୀଙ୍କି କହିଲା, ତୁମ୍ଭେମାନେ କୌଣସିରୂପେ ମରିବ ନାହିଁ; ଏଥିରେ ନାରୀ ସେହି ବୃକ୍ଷକୁ ସୁଖାଦ୍ୟର ଉତ୍ପାଦକ ଓ ନୟନର ଲୋଭଜନକ ଓ ଜ୍ଞାନ ଦେବା ନିମିତ୍ତ ବାଞ୍ଛନୀୟ ଦେଖି ତହିଁରୁ ଫଳ ତୋଳି ଖାଇଲେ, ପୁଣି ଆପଣା ସଙ୍ଗସ୍ଥ ସ୍ୱାମୀଙ୍କୁ ଦିଅନ୍ତେ, ସେ ମଧ୍ୟ ଖାଇଲେ ।''

ଆଦି ୩:୪, ୬



# ଆଦମ ଏବଂ ହବା ବହୁତ ଦିନ ଏଦନ ଉଦ୍ୟାନରେ ରହିପାରିଲେ ନାହିଁ


''ଏଥିପାଇଁ ସଦାପ୍ରଭୁ ପରମେଶ୍ୱର ଏଦନ ଉଦ୍ୟାନରୁ ତାଙ୍କୁ ବାହାର କରିଦେଲେ ଓ ସେ ଯେଉଁ ମୃତ୍ତିକାରୁ ନୀତ ହୋଇଥିଲେ, ତହିଁରେ କୃଷିକର୍ମ କରିବାକୁ ତାଙ୍କୁ ନିଯୁକ୍ତ କଲେ । ଏହିରୂପେ ସେ ଆଦମଙ୍କୁ ତଡ଼ିଦେଲେ, ପୁଣି ଅମୃତ ବୃକ୍ଷର ପଥ ରକ୍ଷା କରିବା ନିମିତ୍ତ ଏଦନ ଉଦ୍ୟାନର ପୂର୍ବଦିଗରେ କିରୂବଗଣ ଓ ଚତୁର୍ଦ୍ଦିଗରେ ଘୂର୍ଣ୍ଣାୟମାନ ତେଜୋମୟ ଖଡ୍‌ଗ ସ୍ଥାପନ କଲେ ।''

ଆଦି ୩:୨୩-୨୪

# ଯେତେବେଳେ ଆଦମ ଏବଂ ହବା ପାପରେ ପଡ଼ିଲେ
# ସେହି ଦିନଠାରୁ ମନୁଷ୍ୟ ସମାଜ ପାଇଁ ଦୁଃଖର ଦିନ ହୋଇ ଆସିଲା

''... ଯେପରି ଜଣେ ଲୋକ ଦ୍ୱାରା ପାପ ଓ ପାପ ଦ୍ୱାରା ମୃତ୍ୟୁ ଜଗତରେ ପ୍ରବେଶ କଲା, ଆଉ ସେହି ପ୍ରକାରେ ମୃତ୍ୟୁ ସମସ୍ତ ଲୋକଙ୍କ ପ୍ରତି ଘଟିଲା, ଯେଣୁ ସମସ୍ତେ ତ ପାପ କଲେ ।''

ରୋମୀ ୫:୧୨



## କିଛି ମନରେ ରଖିବା ପାଇଁ

ପ୍ରତ୍ୟେକ ଜଣ ପାପ ସ୍ୱଭାବରେ ଉତ୍ପନ୍ନ ଏବଂ ତାକୁ ଦିନେ ନା ଦିନେ ମୃତ୍ୟୁଭୋଗ କରିବାକୁ ହେବ କାରଣ ମୃତ୍ୟୁ ପାପ ଦ୍ୱାରା ଆସିଛି। (ରୋମୀ ୫:୧୨ ପଢ଼ନ୍ତୁ)

## ୪ ସଦାପ୍ରଭୁ ଆମ୍ଭମାନଙ୍କୁ ପାପରୁ ଉଦ୍ଧାର କରିବା ପାଇଁ ସେ ତାଙ୍କର ଏକମାତ୍ର ପୁତ୍ରଙ୍କୁ ଏହି ଜଗତକୁ ପଠାଇଲେ



''ସେ ପୁତ୍ର ପ୍ରସବ କରିବେ, ଆଉ ତୁମ୍ଭେ ତାହାଙ୍କ ନାମ ଯୀଶୁ ଦେବ, କାରଣ ସେ ଆପଣା ଲୋକଙ୍କୁ ସେମାନଙ୍କର ସମସ୍ତ ପାପରୁ ପରିତ୍ରାଣ କରିବେ ।''

ମାଥିଉ ୧:୨୧

ମନୁଷ୍ୟ ସମାଜରେ ପ୍ରବେଶ କରିବା ନିମନ୍ତେ ପରମେଶ୍ୱରଙ୍କର ପୁତ୍ର ମନୁଷ୍ୟ ରୂପ ଧାରଣ କଲେ ।

କାରଣ ତାଙ୍କଠାରେ (ପ୍ରଭୁ ଯୀଶୁ) ସମ୍ପୂର୍ଣ୍ଣ ଈଶ୍ୱରତ୍ୱ ଦେହବନ୍ତ ହୋଇ ବାସ କରେ ।

କଲସୀୟ ୨:୯

‘‘ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସଙ୍ଗରେ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ ... ଆଉ, ସେହି ବାକ୍ୟ ଦେହବନ୍ତ ହେଲେ, ପୁଣି ଅନୁଗ୍ରହ ଓ ସତ୍ୟରେ ପରିପୂର୍ଣ୍ଣ ହୋଇ ଆମ୍ଭମାନଙ୍କ ମଧ୍ୟରେ ବାସ କଲେ... ।’’ ଯୋହନ ୧:୧, ୧୪

‘‘ଭାବବାଦୀଙ୍କ ଦ୍ୱାରା ପ୍ରଭୁଙ୍କ ଉକ୍ତ ଏହି ବାକ୍ୟ ଯେପରି ସଫଳ ହୁଏ, ଏଥିନିମନ୍ତେ ଏସମସ୍ତ ଘଟିଲା, ଦେଖ, ଜଣେ କନ୍ୟା ଗର୍ଭବତୀ ହୋଇ ପୁତ୍ର ପ୍ରସବ କରିବେ, ଆଉ ଲୋକେ ତାହାଙ୍କ ନାମ ଇମ୍ମାନୁୟେଲ ଦେବେ, ଏହି ନାମର ଅର୍ଥ ‘ଆମ୍ଭମାନଙ୍କ ସହିତ ଈଶ୍ୱର’ ।’’ ମାଥିଉ ୧:୨୨, ୨୩

‘‘କାରଣ ଆମ୍ଭମାନଙ୍କ ନିମନ୍ତେ ଏକ ବାଳକ ଜନ୍ମିଅଛନ୍ତି, ଆମ୍ଭମାନଙ୍କୁ ଏକ ପୁତ୍ର ଦତ୍ତ ହୋଇଅଛନ୍ତି; ଓ ତାହାଙ୍କ ସ୍କନ୍ଧରେ କର୍ତ୍ତୃତ୍ୱଭାର ଥୁଆଯିବ; ପୁଣି, ତାହାଙ୍କର ନାମ ଆଶ୍ଚର୍ଯ୍ୟ, ମନ୍ତ୍ରୀ, ପରାକ୍ରାନ୍ତ ପରମେଶ୍ୱର, ଅନନ୍ତକାଳୀନ ପିତା, ଶାନ୍ତିରାଜା ହେବ ।’’ ଯିଶାଇୟ ୯:୬

"ଯାହାଙ୍କଠାରେ ପାପର ଲେଶମାତ୍ର ନ ଥିଲା ... ।" ୨ୟ କରିନ୍ଥୀ ୫:୧୧

"ସେ କୌଣସି ପାପ କଲେ ନାହିଁ ।" ୧ମ ପିତର ୨:୨୨



ମନୁଷ୍ୟର ଯେକୌଣସି ବଳିଦାନ ତାକୁ ପାପରୁ ମୁକ୍ତ କରିପାରେ ନାହିଁ ।

"କାରଣ ବୃଷ ଓ ଛାଗର ରକ୍ତ ଯେ ପାପ ହରଣ କରିବ, ଏହା ଅସମ୍ଭବ ।"
ଏବ୍ରୀ ୧୦:୪

"ଯୀଶୁଖ୍ରୀଷ୍ଟ ପରମେଶ୍ୱରଙ୍କ ମେଷଶାବକ ଯେ ଜଗତର ପାପ ବହିନେଇଯାଆନ୍ତି ।"
ଯୋହନ ୧:୨୯

ଦୁଷ୍ଟ ମନୁଷ୍ୟ ଖ୍ରୀଷ୍ଟଙ୍କୁ ଘୃଣା କରୁଥିଲେ, ସେଥିପାଇଁ ଯୀଶୁ ଖ୍ରୀଷ୍ଟଙ୍କୁ କାଠଦ୍ୱାରା ନିର୍ମିତ କ୍ରୁଶରେ କିଳା ପିଟି ମାରିଦେଲେ, କିନ୍ତୁ ଏହା ପରମେଶ୍ୱରଙ୍କ ଇଚ୍ଛା ଅନୁସାରେ ଥିଲା । ପ୍ରଭୁଯୀଶୁଖ୍ରୀଷ୍ଟ ସେଥିପାଇଁ ନିଜକୁ ସମର୍ପିତ କଲେ କାରଣ ଆପଣଙ୍କର ଏବଂ ମୋର ଜୀବନ ପାପରୁ ରକ୍ଷା କରାଯାଇ ପାରେ ।

ଯୀଶୁ କହିଲେ, ''କେହି ମୋ'ଠାରୁ ତାହା ନେଇଯାଇ ନାହିଁ, ମାତ୍ର ମୁଁ ଆପେ ତାହା ଦାନ କରେ । ତାହା ଦାନ କରିବାକୁ ମୋର ଅଧିକାର ଅଛି ଓ ତାହା ପୁନର୍ବାର ଗ୍ରହଣ କରିବାକୁ ମୋହର ଅଧିକାର ଅଛି ।'' ଯୋହନ ୧୦:୧୮


ଆମ୍ଭେମାନେ ପ୍ରଭୁଙ୍କ ମେଷ ରକ୍ତ ଦ୍ୱାରା ମୁକ୍ତିଲାଭ କରିଛୁ ।

''... ତୁମ୍ଭମାନଙ୍କ ପିତୃପୁରୁଷମାନଙ୍କଠାରୁ ପ୍ରାପ୍ତ ପରମ୍ପରାଗତ ନିରର୍ଥକ ଆଚାରବ୍ୟବହାରରୁ ରୂପା କି ସୁନା ପରି କ୍ଷୟଣୀୟ ବସ୍ତୁ ଦ୍ୱାରା ମୁକ୍ତ ନ ହୋଇ ବରଂ ନିଖୁନ୍ତ ଓ ନିଷ୍କଳଙ୍କ ମେଷଶାବକ ସଦୃଶ୍ୟ ଖ୍ରୀଷ୍ଟଙ୍କ ବହୁମୂଲ୍ୟ ରକ୍ତରେ ମୁକ୍ତ ହୋଇଅଛ ।'' ୧ମ ପିତର ୧:୧୮, ୧୯

ଅନ୍ୟ କୌଣସି ବଳିଦାନ ପାପ ମୋଚନ କରିପାରେ ନାହିଁ ।

# 12 ଆମ୍ଭମାନେ ଏବେ ତାହାଙ୍କ ରକ୍ତ ଦ୍ୱାରା ଧାର୍ମିକ ଗଣିତ ହେବାରୁ ତାହାଙ୍କ ଦ୍ୱାରା କ୍ରୋଧରୁ ରକ୍ଷା ପାଇବା (ରୋମୀ ୫:୯)

*ହେ ଯୀଶୁ, ଆପଣ ନିଜ ରାଜ୍ୟରେ*
*ପ୍ରବେଶ କଲେ ମୋତେ ସ୍ମରଣ କରିବେ ।*



*ଏହି ଦୁଷ୍କର୍ମକାରୀ*
*ଯୀଶୁଙ୍କୁ ବିଶ୍ୱାସ କରି*
*ରକ୍ଷା ପାଇଲେ ।*

*ମୁଁ ତୁମ୍ଭକୁ ସତ୍ୟ କହୁଅଛି,*
*ଆଜି ତୁମ୍ଭେ ମୋହର*
*ସହିତ ପାରଦୀଶରେ*
*ଉପସ୍ଥିତ ହେବ ।*
*ଲୂକ ୨୩:୪୩*

*ଏହି ଦୁଷ୍କର୍ମକାରୀ*
*ଯୀଶୁଙ୍କୁ ବିଶ୍ୱାସ*
*କଲା ନାହିଁ ତେଣୁ*
*ରକ୍ଷା ପାଇଲା*
*ନାହିଁ ।*

"ଆମ୍ଭମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ ।"
ରୋମୀ ୫:୮

**ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ** 

**ପ୍ରାପ୍ତ ହୁଏ । କାରଣ ପରମେଶ୍ୱର ଜଗତକୁ** ଏଡ଼େ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେପରି ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ ।

ଯୋହନ ୩:୧୬

‘‘ସେ ଆମ୍ଭମାନଙ୍କୁ ଅନ୍ଧକାରର କ୍ଷମତାରୁ ଉଦ୍ଧାର କରି ଆପଣା ପ୍ରେମପାତ୍ର ପୁତ୍ରଙ୍କ ରାଜ୍ୟ ମଧ୍ୟକୁ ସ୍ଥାନାନ୍ତର କରିଅଛନ୍ତି; ତାହାଙ୍କଠାରେ ଆମ୍ଭେମାନେ ମୁକ୍ତି ଅର୍ଥାତ୍ ପାପକ୍ଷମା ପାଇଅଛୁ ।’’

କଲସୀ ୧:୧୩, ୧୪

# ସେ ମୃତ୍ୟୁକୁ ବିଜୟ କରି ଉଠିଅଛନ୍ତି ।



''ସ୍ୱର୍ଗଦୂତ ସ୍ତ୍ରୀଲୋକମାନଙ୍କୁ ଉତ୍ତର ଦେଲେ, ତୁମ୍ଭେମାନେ ଭୟ କର ନାହିଁ, କାରଣ ତୁମ୍ଭେମାନେ ଯେ କ୍ରୁଶରେ ହତ ଯୀଶୁଙ୍କର ଅନ୍ୱେଷଣ କରୁଅଛ, ତାହା ମୁଁ ଜାଣେ । ସେ ଏଠାରେ ନାହାନ୍ତି, କାରଣ ସେ ଯେପରି କହିଥିଲେ, ସେହିପରି ଉଠିଅଛନ୍ତି ।''

ମାଥିଉ ୨୮:୫, ୬

‘‘ପୁଣି ସ୍ୱୟଂଜୀବୀ; ଆମ୍ଭେ ମୃତ ହେଲୁ, ଆଉ ଦେଖ, ଆମ୍ଭେ ଯୁଗେ ଯୁଗେ ଜୀବିତ ଅଟୁ ।’’ ପ୍ରକାଶିତ ୧:୧୮

‘‘... କାରଣ ମୁଁ ଜୀବିତ, ଆଉ ତୁମ୍ଭେମାନେ ମଧ୍ୟ ଜୀବିତ ରହିବ ।’’ ଯୋହନ ୧୪:୧୯

କାରଣ ଖ୍ରୀଷ୍ଟ ଯୀଶୁ ମୃତ୍ୟୁ ବିଜୟ କଲେ ଏବଂ ମୃତ୍ୟୁର ଚାବି ତାଙ୍କ ପାଖରେ ଅଛି, ତେଣୁ ଆମ୍ଭେମାନେ ମୃତ୍ୟୁକୁ ଭୟ କରିବାର କାରଣ ନାହିଁ ।

‘‘ମୁଁ ଭୀତ ହେବା ସମୟରେ ତୁମ୍ଭ ଉପରେ ନିର୍ଭର ରଖିବି ।’’ ଗୀତସଂହିତା ୫୬:୩

‘‘କିନ୍ତୁ ସେ ନିତ୍ୟସ୍ଥାୟୀ ହେବାରୁ ଅପରିବର୍ତ୍ତନୀୟ ... ଅତଏବ, ତାହାଙ୍କ ଦ୍ୱାରା ଯେଉଁମାନେ ଈଶ୍ୱରଙ୍କ ନିକଟବର୍ତ୍ତୀ ହୁଅନ୍ତି, ସେମାନଙ୍କୁ ସେ ସମ୍ପୂର୍ଣ୍ଣରୂପେ ପରିତ୍ରାଣ ଦେବାକୁ ସକ୍ଷମ ଅଟନ୍ତି, ଯେଣୁ ସେମାନଙ୍କ ନିମନ୍ତେ ନିବେଦନ କରିବା ପାଇଁ ସେ ନିତ୍ୟ ଜୀବିତ ।’’

ଏବ୍ରୀ ୭:୨୪, ୨୫

## ଆପଣ କେଉଁ ପଥ ମନୋନୀତ କରୁଛନ୍ତି ?




ପରମେଶ୍ୱରଙ୍କ ସହିତ
ଅନନ୍ତ ଜୀବନ କଟାଇବାର
ଏକମାତ୍ର ମାର୍ଗ ପ୍ରଭୁ
ଯୀଶୁଖ୍ରୀଷ୍ଟ ।

ଶୟତାନର ପଥ ଅନନ୍ତ
ମୃତ୍ୟୁ ଆଡ଼କୁ ଯାଉଛି ।

ଏହି ବାଳକ ଅନନ୍ତ ଜୀବନର ପ୍ରକୃତ ପଥ ମନୋନୀତ କରିଅଛି ।

# ଆପଣ କ'ଣ ମନୋନୀତ କରିବେ ? 

''... ତୁମ୍ଭେମାନେ କାହାର ସେବା କରିବ, ତାହା ଆଜି ମନୋନୀତ କର ...।''

ଯିହୋଶୂୟ ୨୪:୧୫

''... ଏଥିନିମନ୍ତେ ତୁମ୍ଭେ ଓ ତୁମ୍ଭର ବଂଶ ଯେମନ୍ତ ବଞ୍ଚିବ ଏଥିପାଇଁ ଜୀବନ ମନେନୀତ କର ।'' ଦ୍ୱିତୀୟ ବିବରଣ ୩୦:୧୯

# ପ୍ରଭୁ ଯୀଶୁ ଅନନ୍ତ ଜୀବନ ଆଡ଼କୁ ପଥ ଅଟନ୍ତି

''ତାହାଙ୍କ ଛଡ଼ା ଆଉ କାହାଠାରେ ପରିତ୍ରାଣ ନାହିଁ, କାରଣ ଯାହା ଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ ପାଇବାକୁ ହେବ, ଆକାଶ ତଳେ ମନୁଷ୍ୟମାନଙ୍କ ମଧ୍ୟରେ ଆଉ କୌଣସି ନାମ ଦିଆଯାଇ ନାହିଁ ।'' ପ୍ରେରିତ ୪:୧୨


''ଆମ୍ଭେ, ଆମ୍ଭେହିଁ ସଦାପ୍ରଭୁ ଅଟୁ, ଓ ଆମ୍ଭ ଛଡ଼ା ଆଉ ତ୍ରାଣକର୍ତ୍ତା ନାହିଁ ।''

ଯିଶାଇୟ ୪୩:୧୧

# ଯଦି ଆମେ ଅନନ୍ତଜୀବନ ପାଇବାକୁ ଚାହୁଁ, ତେବେ ଆମେ କାହିଁକି ଯୀଶୁଖ୍ରୀଷ୍ଟଙ୍କୁ ମନୋନୀତ କରିବା ?

**୧. ଯେ ଆସିଥିଲେ ସେ ଖ୍ରୀଷ୍ଟ ଥିଲେ ।**

''ସେମାନେ ଯେପରି ଜୀବନ ପାଆନ୍ତି ଓ ପ୍ରଚୁର ଭାବରେ ପାଆନ୍ତି ଏଥିନିମନ୍ତେ ମୁଁ ଆସିଅଛି ।'' ଯୋହନ ୧୦:୧୦



**୨. ଖ୍ରୀଷ୍ଟ ଯୀଶୁ କେବଳ ଆମ୍ଭମାନଙ୍କୁ ପ୍ରେମ କରିଅଛନ୍ତି ଏବଂ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ ।**

''ଈଶ୍ୱରଙ୍କର ଯେଉଁ ପୁତ୍ର ମୋତେ ପ୍ରେମ କରି ମୋ' ନିମନ୍ତେ ଆପଣାକୁ ଉତ୍ସର୍ଗ କଲେ ।'' ଗାଲାତୀ ୨:୨୦

ଯୀଶୁ ଖ୍ରୀଷ୍ଟ ରକ୍ତ ଓ ମାଂସ ଗଢ଼ା ମନୁଷ୍ୟ ରୂପ ଧାରଣ କଲେ, ‘‘ଅତଏବ ସନ୍ତାନମାନେ ରକ୍ତମାଂସର ସହଭାଗୀ ହୋଇଥିବାରୁ ସେ ମଧ୍ୟ ନିଜେ ସେହିପରି ସେଥିର ସହଭାଗୀ ହେଲେ, ଯେପରି ମୃତ୍ୟୁ ଦ୍ୱାରା ମୃତ୍ୟୁର ଅଧିକାରୀକୁ, ଅର୍ଥାତ ଶୟତାନକୁ ବିନାଶ କରନ୍ତି, ପୁଣି ମୃତ୍ୟୁର ଭୟରେ ଯେଉଁମାନେ ଯାବଜ୍ଜୀବନ ଦାସତ୍ୱର ବନ୍ଧନରେ ଥିଲେ, ସେମାନଙ୍କୁ ସେ ଉଦ୍ଧାର କରନ୍ତି ।’’ ଏବ୍ରୀ ୨:୧୪, ୧୫

**୩. କେବଳ ଯୀଶୁଖ୍ରୀଷ୍ଟଙ୍କ ରକ୍ତ ଆମ୍ଭମାନଙ୍କୁ ପାପରୁ ମୁକ୍ତ କରିପାରେ ।**

‘‘ ... କାରଣ ରକ୍ତରେ ପ୍ରାଣୀର ପ୍ରାଣ ଥାଏ, ଏବଂ ଏହି ପ୍ରାଣର ଗୁଣରେ ରକ୍ତ ହିଁ ପ୍ରାୟଶ୍ଚିତ୍ତ କରଇ ।’’ ଲେବୀୟ ପୁସ୍ତକ ୧୭:୧୧

‘‘... ଯୀଶୁଙ୍କ ରକ୍ତ ସମସ୍ତ ପାପରୁ ଆମ୍ଭମାନଙ୍କୁ ପରିଷ୍କାର କରେ ।’’ ୧ ଯୋହନ ୧:୭

‘‘ତାହାଙ୍କଠାରେ ଆମ୍ଭେମାନେ ମୁକ୍ତି, ଅର୍ଥାତ୍ ପାପକ୍ଷମା ପାଇଅଛୁ ।’’ କଲସୀ ୧:୧୪



**୪. ଯୀଶୁ ଖ୍ରୀଷ୍ଟ ହିଁ କେବଳ ମୃତମାନଙ୍କ ମଧ୍ୟରେ ବଞ୍ଚି ଉଠିଲେ ।**

"ଖ୍ରୀଷ୍ଟ ମୃତମାନଙ୍କ ମଧ୍ୟରୁ ଉତ୍‌ଥାପିତ ହେବାରୁ ଯେ ଆଉ କେବେ ମରିବେ ନାହିଁ, ଏହା ତ ଆମ୍ଭେମାନେ ଜାଣୁ; ତାହାଙ୍କ ଉପରେ ମୃତ୍ୟୁର ଆଉ କର୍ତ୍ତୃତ୍ୱ ନାହିଁ ।" ରୋମୀ ୬:୯

ଆଉ ସେ ସମସ୍ତଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ, ଯେପରି ଯେଉଁମାନେ ଜୀବିତ, ସେମାନେ ଆଉ ଆପଣା ଆପଣା ନିମନ୍ତେ ଜୀବନ ଯାପନ ନ କରି ବରଂ ଯେ ସେମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ ଓ ଉତ୍‌ଥିତ ହେଲେ, ତାହାଙ୍କ ନିମନ୍ତେ ଜୀବନ ଯାପନ କରନ୍ତି ।

୨ୟ କରିନ୍ଥୀ ୫:୧୫

ଅଳ୍ପମାତ୍ର ସମୟ ରହିଲା, ଜଗତ ମୋତେ ଆଉ ଦେଖିବ ନାହିଁ; ମାତ୍ର ତୁମ୍ଭେମାନେ ମୋତେ ଦେଖିବ, କାରଣ ମୁଁ ଜୀବିତ, ଆଉ ତୁମ୍ଭେମାନେ ମଧ୍ୟ ଜୀବିତ ରହିବ ।

ଯୋହନ ୧୪:୧୯

**୫. ଆମ୍ଭେମାନେ ଖ୍ରୀଷ୍ଟଙ୍କର ଆତ୍ମା ପାଇବା ଆବଶ୍ୟକ । ଯଦ୍ଦ୍ୱାରା ଆମ୍ଭେମାନେ ଅନନ୍ତଜୀବନ ପାଇପାରିବା ।** 

‘‘ତୁମ୍ଭମାନଙ୍କ ମଧ୍ୟରେ ଖ୍ରୀଷ୍ଟ, ସେ ଗୌରବର ଭରସା ସ୍ୱରୂପ ।’’ କଲସୀୟ ୧:୨୭

‘‘ଆଉ ଯେ ମୃତମାନଙ୍କ ମଧ୍ୟରୁ ଯୀଶୁଙ୍କୁ ଉଠାଇଲେ, ତାହାଙ୍କର ଆତ୍ମା ଯଦି ତୁମ୍ଭମାନଙ୍କଠାରେ ବାସ କରନ୍ତି, ତେବେ ଯେ ମୃତମାନଙ୍କ ମଧ୍ୟରୁ ଖ୍ରୀଷ୍ଟ ଯୀଶୁଙ୍କୁ ଉଠାଇଲେ, ସେ ତୁମ୍ଭମାନଙ୍କଠାରେ ବାସ କରୁଥିବା ଆପଣା ଆତ୍ମାଙ୍କ ଦ୍ୱାରା ତୁମ୍ଭମାନଙ୍କ ମର୍ତ୍ତ୍ୟ ଶରୀରକୁ ମଧ୍ୟ ଜୀବିତ କରିବେ ।’’ ରୋମୀ ୮:୧୧

‘‘କିନ୍ତୁ ଈଶ୍ୱରଙ୍କ ଆତ୍ମା ଯଦି ତୁମ୍ଭମାନଙ୍କଠାରେ ବାସ କରନ୍ତି, ତାହାହେଲେ ତୁମ୍ଭେମାନେ ଶରୀରର ବଶରେ ନାହଁ, ମାତ୍ର ଆତ୍ମାଙ୍କ ବଶରେ ଅଛ । ଯଦି କେହି ଖ୍ରୀଷ୍ଟଙ୍କ ଆତ୍ମା ପାଇ ନ ଥାଏ, ତେବେ ସେ ତାହାଙ୍କର ନୁହେଁ ।’’ ରୋମୀ ୮:୯



ଆପଣାର କର୍ମ ନିର୍ମଳ ଓ ସରଳ କି ନାହିଁ ଏହା ଗୋଟିଏ ପିଲା ସୁଦ୍ଧା ଆପଣାର କର୍ମ ଦ୍ୱାରା ଆପଣାର ପରିଚୟ ଦିଏ । ହିତୋପଦେଶ ୨୦:୧୧

‘‘କିନ୍ତୁ ଯୀଶୁ ସେମାନଙ୍କୁ ଆପଣା ପାଖକୁ ଡାକି କହିଲେ, ଶିଶୁମାନଙ୍କୁ ମୋ’ ନିକଟକୁ ଆସିବାକୁ ଦିଅ, ଆଉ ସେମାନଙ୍କୁ ମନା କର ନାହିଁ; କାରଣ ଈଶ୍ୱରଙ୍କ ରାଜ୍ୟ ଏହିପ୍ରକାର ଲୋକମାନଙ୍କର । ’’ ଲୂକ ୧୮:୧୬

‘‘ସେହି ପ୍ରକାରେ ଏହି କ୍ଷୁଦ୍ରମାନଙ୍କ ମଧ୍ୟରୁ ଯେ ଗୋଟିଏ ବିନଷ୍ଟ ହୁଏ, ଏହା ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ଇଚ୍ଛା ନୁହେଁ ।’’ ମାଥିଉ ୧୮:୧୪

(ଏହା ନୁହେଁ ଯେ, ଆପଣ କିଏ, କେଉଁଠାରେ ରହନ୍ତି ଏବଂ କ’ଣ କରନ୍ତି । ଯୀଶୁ ଆପଣଙ୍କୁ ପ୍ରେମ କରନ୍ତି ଏବଂ ସେ ଆପଣଙ୍କ ପାଇଁ ମରିଅଛନ୍ତି, ଆଉ ସେ ମଧ୍ୟ ଆପଣଙ୍କଠାରୁ ପ୍ରେମ ଚାହାନ୍ତି । ଆପଣ ଆପଣା ପ୍ରେମ ଯୀଶୁଙ୍କ ଆଜ୍ଞା ମାନି ତାଙ୍କ ପ୍ରତି ପ୍ରଦର୍ଶନ କରିପାରିବେ ।)

ଯଦି ତୁମ୍ଭେମାନେ ମୋତେ ପ୍ରେମ କର, ତାହା ହେଲେ ମୋହର ଆଜ୍ଞାସବୁ ପାଳନ କର । ଯୋହନ ୧୪:୧୫

# ଯୀଶୁଙ୍କ ପଥ ଆପଣ କିପରି ପାଇବେ ?

**୧. ସ୍ୱୀକାର କରନ୍ତୁ ଯେ, ଆପଣ ଜଣେ ପାପୀ ଅଟନ୍ତି । (ଈଶ୍ୱରଙ୍କ ଆଜ୍ଞା ନ ମାନି)**

''ସମସ୍ତେତ ପାପ କରିଅଛନ୍ତି, ପୁଣି ଈଶ୍ୱରଙ୍କ ଗୌରବରହିତ ହୋଇଅଛନ୍ତି ।''

ରୋମୀୟ ୩:୨୩

**୨. ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କର ନିକଟବର୍ତ୍ତୀ ହୁଅନ୍ତୁ ।**

''କାରଣ ଏକମାତ୍ର ଈଶ୍ୱର ଅଛନ୍ତି, ଆଉ ଈଶ୍ୱର ଓ ମନୁଷ୍ୟମାନଙ୍କ ମଧ୍ୟରେ ଏକମାତ୍ର ମଧ୍ୟସ୍ଥ ଅଛନ୍ତି, ସେ ଖ୍ରୀଷ୍ଟ ଯୀଶୁ, ଜଣେ ମନୁଷ୍ୟ ।'' ୧ମ ତୀମଥି ୨:୫

''ଅତଏବ ତାହାଙ୍କ ଦ୍ୱାରା ଯେଉଁମାନେ ଈଶ୍ୱରଙ୍କ ନିକଟବର୍ତ୍ତୀ ହୁଅନ୍ତି, ସେମାନଙ୍କୁ ସେ ସମ୍ପୂର୍ଣ୍ଣରୂପେ ପରିତ୍ରାଣ ଦେବାକୁ ସକ୍ଷମ ଅଟନ୍ତି, ଯେଣୁ ସେମାନଙ୍କ ନିମନ୍ତେ ନିବେଦନ କରିବା ପାଇଁ ସେ ନିତ୍ୟ ଜୀବିତ ।'' ଏବ୍ରୀ ୭:୨୫

ଯୀଶୁ କହିଲେ, ... ସେମାନେ ମୋ' ନିକଟକୁ ଆସିବେ; ଆଉ ଯେ ମୋ' ନିକଟକୁ ଆସେ, ତାହାକୁ ମୁଁ କୌଣସି ପ୍ରକାରେ ବାହାର କରିଦେବି ନାହିଁ ।

ଯୋହନ ୬:୩୭

## ୩. ଆପଣା ପାପ ପାଇଁ କ୍ଷମା ମାଗନ୍ତୁ ।

''ସେଥିରେ ଲୋକ ସମସ୍ତେ ତାଙ୍କୁ ଚାଲିବା ଓ ଈଶ୍ୱରଙ୍କ ପ୍ରଶଂସା କରିବା ଦେଖିଲେ ।'' ପ୍ରେରିତ ୩:୯

''ବିଳମ୍ବ ବୋଲି ଯେପରି କେତେକ ଭାବନ୍ତି, ପ୍ରଭୁ ଆପଣା ପ୍ରତିଜ୍ଞା ବିଷୟରେ ସେପରି ବିଳମ୍ବ କରନ୍ତି ନାହିଁ; କିନ୍ତୁ ଯେପରି କେହି ବିନଷ୍ଟ ନ ହୁଅନ୍ତି ବରଂ ସମସ୍ତେ ମନ ପରିବର୍ତ୍ତନ କରନ୍ତି, ଏହା ଇଚ୍ଛା କରି ସେ ତୁମ୍ଭମାନଙ୍କ ପ୍ରତି ଦୀର୍ଘସହିଷ୍ଣୁ ଅଟନ୍ତି ।''

୨ୟ ପିତର ୩:୯



## ୪. ଆପଣା ପାପକୁ ସ୍ୱୀକାର କରନ୍ତୁ ।

ତଳେ ଦୁଇ ଧାଡ଼ିରେ ୧ମ ଯୋହନ ୧:୯ର ଘୋଷା ଲେଖନ୍ତୁ, ଯାହା ଉପରେ ପ୍ରାର୍ଥନା କରୁଥିବା ଅବସ୍ଥାରେ ଲେଖାଯାଇଛି ।

________________________________________

________________________________________

________________________________________

## ୫. ଆପଣା ପାପ ଛାଡ଼ି ଦିଅନ୍ତୁ ।

## (ଛାଡ଼ିବା ଅର୍ଥ ପରିତ୍ୟାଗ କରିବା ବା ପୁନରାବୃତ୍ତି ନ କରିବା)

‘‘ଯେ ଆପଣା ଅଧର୍ମ ଆଚ୍ଛାଦନ କରେ, ସେ ମଙ୍ଗଳ ପାଏ ନାହିଁ । ମାତ୍ର ଯେଉଁ ଲୋକ ତାହା ସ୍ୱୀକାର କରି ଛାଡ଼ଇ, ସେ ଦୟା ପାଇବ ।’’ ହିତୋପଦେଶ ୨୮:୧୩

‘‘ମନ୍ଦଠାରୁ ଦୂର ହୁଅ ଓ ସୁକର୍ମ କର; ପୁଣି ଅନନ୍ତକାଳ ବାସ କର ।’’

ଗୀତସଂହିତା ୩୭:୨୭



## ୬. ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରନ୍ତୁ ।

‘‘ଯେଣୁ ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ ।’’

ରୋମୀୟ ୧୦:୯

‘‘ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କର, ତାହା ହେଲେ ତୁମ୍ଭେ ସପରିବାରରେ ପରିତ୍ରାଣ ପାଇବ ।’’

ପ୍ରେରିତ ୧୬:୩୧

‘‘କାରଣ ଅନୁଗ୍ରହରେ ବିଶ୍ୱାସ ଦ୍ୱାରା ତୁମ୍ଭେମାନେ ପରିତ୍ରାଣ ପାଇଅଛ; ତାହା ତୁମ୍ଭମାନଙ୍କ ନିଜଠାରୁ ହୋଇ ନାହିଁ, ତାହା ଈଶ୍ୱରଙ୍କ ଦାନ, କ୍ରିୟାକର୍ମରୁ ନୁହେଁ, ଯେପରି କେହି ଦର୍ପ ନ କରେ ।’’

ଏଫିସୀୟ ୨:୮, ୯

## ୭. ଯୀଶୁଙ୍କୁ ଆପଣଙ୍କ ହୃଦୟ ଓ ଜୀବନରେ ବିଶ୍ୱାସ କରନ୍ତୁ ।

କେବଳ ଆପଣ ହୃଦୟ ଖୋଲି ପ୍ରଭୁ ଯୀଶୁଙ୍କୁ ଆମନ୍ତ୍ରଣ କରିପାରିବେ ।



ଯୀଶୁ କହିଲେ, ''ଦେଖ, ଆମ୍ଭେ ଦ୍ୱାର ନିକଟରେ ଠିଆ ହୋଇ ଆଘାତ କରୁଅଛୁ; ଯଦି କେହି ଆମ୍ଭର ସ୍ୱର ଶୁଣି ଦ୍ୱାର ଫିଟାଇଦେବ, ତାହାହେଲେ ଆମ୍ଭେ ପ୍ରବେଶ କରି ତାହା ନିକଟକୁ ଯିବୁ, ପୁଣି ଆମ୍ଭେ ତାହା ସହିତ ଭୋଜନ କରିବୁ ଓ ସେ ଆମ୍ଭ ସହିତ ଭୋଜନ କରିବ ।'' ପ୍ରକାଶିତ ୩:୨୦

''ମାତ୍ର ଯେତେ ଲୋକ ତାହାଙ୍କୁ ଗ୍ରହଣ କଲେ, ଅର୍ଥାତ୍ ଯେଉଁମାନେ ତାହାଙ୍କ ନାମରେ ବିଶ୍ୱାସ କଲେ, ସେସମସ୍ତଙ୍କୁ ସେ ଈଶ୍ୱରଙ୍କ ସନ୍ତାନ ହେବା ନିମନ୍ତେ ଅଧିକାର ଦେଲେ ।''
ଯୋହନ ୧:୧୨

# ଏକ ପ୍ରାର୍ଥନା

ଯଦି ଆପଣ କେବେ ପ୍ରାର୍ଥନା କରିନାହାନ୍ତି ଏବଂ ବର୍ତ୍ତମାନ ପ୍ରାର୍ଥନାର ସହାୟତା ଚହୁଁଛନ୍ତି, ତେବେ ନିମ୍ନଲିଖିତ ପ୍ରାର୍ଥନାକୁ ଏକ ମାର୍ଗ ବା ପଥ ପ୍ରଦର୍ଶକ ରୂପ ଦେଇ କରିପାରିବେ ।



**ପ୍ରିୟ ପ୍ରଭୁ ଯୀଶୁ,**

ମୁଁ ତୁମକୁ ଧନ୍ୟବାଦ ଦିଏ ଯେ, ତୁମେ ମୋ' ପାପ ପାଇଁ କ୍ରୁଶରେ ବଳି ହେଲ । ମୋର ସବୁ ପାପ ପାଇଁ କ୍ଷମା ମାଗୁଛି । ମୋ' ହୃଦୟକୁ ଆସ ଓ ସର୍ବଦା ବାସ କର । ମୁଁ ବିଶ୍ୱାସ କରୁଛି ଯେ, ଆଜି ମୋ' ହୃଦୟକୁ ପବିତ୍ର କରିଛ । ପ୍ରଭୁ ଯୀଶୁ ତୁମେ ମୋର ଉଦ୍ଧାରକର୍ତ୍ତା ଓ ପରିତ୍ରାଣକର୍ତ୍ତା ଅଟ ।

*ଯୀଶୁଙ୍କ ନାମରେ ଆମେନ୍ ।*

## ଯୀଶୁ ଯଦି ଆପଣଙ୍କ ହୃଦୟରେ ଅଛିନ୍ତ ଆପଣ ସୁରକ୍ଷିତ ଅଛନ୍ତି

"... ଈଶ୍ୱର ଆମ୍ଭମାନଙ୍କୁ ଅନନ୍ତ ଜୀବନ ଦେଇଅଛନ୍ତି, ପୁଣି ସେହି ଜୀବନ ତାହାଙ୍କ ପୁତ୍ରଙ୍କଠାରେ ଅଛି । ଯେ ପୁତ୍ରଙ୍କୁ ପାଇଅଛି, ସେ ଜୀବନ ପାଇଅଛି ।"

୧ମ ଯୋହନ ୫:୧୧, ୧୨

"... ଯେ ମୋହର ବାକ୍ୟ ଶୁଣି ମୋହର ପ୍ରେରଣକର୍ତ୍ତାଙ୍କୁ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପ୍ରାପ୍ତ ହୋଇଅଛି, ... ମୃତ୍ୟୁକୁ ଅତିକ୍ରମ କରି ଜୀବନରେ ପ୍ରବେଶ କରିଅଛି ।"

ଯୋହନ ୫:୨୪

"ଶରୀରଠାରୁ ପୃଥକ୍ ହୋଇ ଆପଣା ପ୍ରଭୁଙ୍କ ସହ ବାସ କରୁଛନ୍ତି ।" ୨ୟ କରିନ୍ଥୀ ୫:୮

"... ସେହି ନିଗୂଢ଼ ତତ୍ତ୍ୱ ଏହି, ତୁମ୍ଭମାନଙ୍କ ମଧ୍ୟରେ ଖ୍ରୀଷ୍ଟ ।" କଲସୀ ୧:୨୭

ଯଦି ଆପଣ ପ୍ରଭୁଙ୍କୁ ପାପର କ୍ଷମା ମାଗିଛନ୍ତି ଏବଂ ବିଶ୍ୱାସ କରୁଛନ୍ତି, ପ୍ରଭୁ ଯୀଶୁ ହିଁ ଆପଣଙ୍କ ଉଦ୍ଧାରକର୍ତ୍ତା ଅଟନ୍ତି, ତାହାହେଲେ ତଳେ ଆପଣଙ୍କ ନାମ ଲେଖନ୍ତୁ ।

# କିପରି ଯୀଶୁଙ୍କ ଅନୁଗମନ କରିପାରିବେ



ପ୍ରତ୍ୟେକ ଦିନ ବାଇବଲ ପାଠ କରନ୍ତୁ, ଏହି ଅଧ୍ୟାୟକୁ ମନ ଲଗାନ୍ତୁ ଆପଣଙ୍କୁ ସାହାଯ୍ୟ କରିବ । ଯାହା ଏହି ପୁସ୍ତିକାରେ ଅଛି ।



ସମସ୍ତ ଶାସ୍ତ୍ର
ଈଶ୍ୱରନିଶ୍ୱଶିତ ଏବଂ
ଶିକ୍ଷା, ଅନୁଯୋଗ,
ସଂଶୋଧନ
ଓ ଧାର୍ମିକତା
ସମ୍ବନ୍ଧୀୟ ଶାସନ
ନିମନ୍ତେ ଉପକାରୀ ।
୨ ତୀମଥି ୩:୧୬

# ଯେକୌଣସି ସମୟରେ ପ୍ରାର୍ଥନା ଦ୍ୱାରା ଯୀଶୁଙ୍କ ସହ କଥା କହିପାରିବେ

ଆମ ଜୀବନର ସମସ୍ତ ମହାନ୍ କାର୍ଯ୍ୟ ନିମନ୍ତେ ପ୍ରଭୁ ଆମେ ତୁମକୁ ଧନ୍ୟବାଦ ଦେଉଛୁ । ଯେ ଆପଣଙ୍କ ପାଇଁ ଏବଂ ଆପଣଙ୍କ ଆତ୍ମାକୁ ବଞ୍ଚାଇଲେ ତାହାଙ୍କର ମହିମା କର । ଆପଣଙ୍କର ସମସ୍ତ ଆବଶ୍ୟକ ବିଷୟ ନିମନ୍ତେ ତାହାଙ୍କଠାରେ ପ୍ରାର୍ଥନା କର । ଯୀଶୁଙ୍କ ନାମରେ ପ୍ରାର୍ଥନା କର ।

''ପୁଣି ଆମ୍ଭେମାନେ ଯେବେ ତାହାଙ୍କ ଇଚ୍ଛାନୁସାରେ କୌଣସି ପ୍ରାର୍ଥନା କରୁ, ତେବେ ସେ ଆମ୍ଭମାନଙ୍କର ସେହି ପ୍ରାର୍ଥନା ଶୁଣନ୍ତି ।'' ୧ମ ଯୋହନ ୫:୧୪

''ଯଦି ତୁମ୍ଭେମାନେ ପିତାଙ୍କୁ କିଛି ମାଗିବ, ତେବେ ମୋ' ନାମରେ ସେ ତୁମ୍ଭମାନଙ୍କୁ ତାହା ଦେବେ ।'' ଯୋହନ ୧୬:୨୩

''ପରସ୍ପର ପାଇଁ ପ୍ରାର୍ଥନା କର ।'' ଯାକୁବ ୫:୧୬

''ତୁମ୍ଭମାନଙ୍କ ଶତ୍ରୁମାନଙ୍କୁ ପ୍ରେମ କର, ପୁଣି ଯେଉଁମାନେ ତୁମ୍ଭମାନଙ୍କୁ ତାଡ଼ନା କରନ୍ତି, ସେମାନଙ୍କ ନିମନ୍ତେ ପ୍ରାର୍ଥନା କର ।''
ମାଥିଉ ୫:୪୪



## ଯୀଶୁ ଆପଣା ଶିଷ୍ୟମାନଙ୍କୁ ପ୍ରାର୍ଥନା ଶିଖାଇଲେ

### (ଯେ ଯୀଶୁଙ୍କର ଅନୁଗମନ କରେ ତାହାର ଅର୍ଥ ହେଉଛି ଶିଷ୍ୟ)

ଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଲେ, ଅତଏବ, ତୁମ୍ଭେମାନେ ଏହି ପ୍ରକାରେ ପ୍ରାର୍ଥନା କର, ହେ ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା, ତୁମ୍ଭ ନାମ ପବିତ୍ର ବୋଲି ମାନ୍ୟ ହେଉ, ତୁମ୍ଭର ରାଜ୍ୟ ଆସୁ । ଯେପରି ସ୍ୱର୍ଗରେ, ସେପରି ପୃଥିବୀରେ ତୁମ୍ଭର ଇଚ୍ଛା ସଫଳ ହେଉ । ଆଜି ଆମ୍ଭମାନଙ୍କୁ ପ୍ରୟୋଜନୀୟ ଆହାର ଦିଅ । ଆମ୍ଭେମାନେ ଯେପରି ଆପଣା ଆପଣା ଅପରାଧୀମାନଙ୍କୁ କ୍ଷମା କରିଅଛୁ, ସେପରି ଆମ୍ଭମାନଙ୍କର ଅପରାଧସବୁ କ୍ଷମା କର । ପରୀକ୍ଷାରେ ଆମ୍ଭମାନଙ୍କୁ ଆଣ ନାହିଁ, ମାତ୍ର

34 ମନ୍ଦରୁ ରକ୍ଷା କର । (ଯେଣୁ ରାଜ୍ୟ, ପରାକ୍ରମ ଓ ଗୌରବ ଯୁଗେ ଯୁଗେ ତୁମ୍ଭର । ଆମେନ୍ ।) ମାଥିଉ ୬:୯–୧୩

ଏହି ପ୍ରାର୍ଥନାକୁ ସ୍ମରଣ କରନ୍ତୁ । ବିଶ୍ୱାସୀ ଏହା ସହିତ ବସି ସ୍ମରଣ କରେ ।

## ପ୍ରଭୁଙ୍କର ଦଶ ଆଜ୍ଞା ଆମ୍ଭକୁ କୁହେ ଯେ, କି ପ୍ରକାର ଜୀବନ ବିତାଇବାକୁ ହେବ (ଯାତ୍ରା ପୁସ୍ତକ ୨୦ ଅଧ୍ୟାୟ)

### ପ୍ରଥମ ଚାରି ଆଜ୍ଞା ଈଶ୍ୱରଙ୍କ ପ୍ରତି ପ୍ରେମ ପାଇଁ ଉଦ୍ଦିଷ୍ଟ ।

୧. ''ଆମ୍ଭ ସାକ୍ଷାତରେ ତୁମର ଆଉ କୌଣସି ଦେବତା ହବେ ନାହିଁ ।''

୨. ''ତୁମ୍ଭେ ଆପଣା ନିମନ୍ତେ କୌଣସି ଖୋଦିତ ପ୍ରତିମା ନିର୍ମାଣ କରିବ ନାହିଁ, କି ଉପରିସ୍ଥ ସ୍ୱର୍ଗରେ, କି ନୀଚସ୍ଥ ପୃଥିବୀରେ, କି ପୃଥିବୀର ନୀଚସ୍ଥ ଜଳରେ ଥିବା କୌଣସି ବସ୍ତୁର ପ୍ରତିମୂର୍ତ୍ତି ନିର୍ମାଣ କରିବ ନାହିଁ ।''

৩. ''ତୁମ୍ଭେ ଆପଣା ସଦାପ୍ରଭୁ ପରମେଶ୍ୱରଙ୍କ ନାମ ମିଥ୍ୟାରେ ନେବ ନାହିଁ ।'' 

৪. ''ବିଶ୍ରାମଦିନ ପବିତ୍ର ରୂପେ ପାଳିବାକୁ ସ୍ମରଣ କର ।''

## ଶେଷ ଛଅ ଆଜ୍ଞା ମନୁଷ୍ୟ ପ୍ରତି ପ୍ରେମ ପାଇଁ ଉଦ୍ଦିଷ୍ଟ

୫. ''ତୁମ୍ଭେ ଆପଣା ପିତା ଓ ଆପଣା ମାତାଙ୍କୁ ସମ୍ଭ୍ରମ କର ।''

୬. ''ତୁମ୍ଭେ ନରହତ୍ୟା କରିବ ନାହିଁ ।''

୭. ''ତୁମ୍ଭେ ବ୍ୟଭିଚାର କରିବ ନାହିଁ ।''

୮. ''ତୁମ୍ଭେ ଚୋରି କରିବ ନାହିଁ ।''

୯. ''ତୁମ୍ଭେ ଆପଣା ପ୍ରତିବାସୀ ବିରୁଦ୍ଧରେ ମିଥ୍ୟା ସାକ୍ଷ୍ୟ ଦେବ ନାହିଁ ।''

୧୦. ''ତୁମ୍ଭେ ଆପଣା ପ୍ରତିବାସୀର ଗୃହକୁ ଲୋଭ କରିବ ନାହିଁ ।''

ପରମେଶ୍ୱରଙ୍କ ଆଜ୍ଞାକୁ ପାଳନ କରିବା ଦ୍ୱାରା ଆପଣଙ୍କ ପ୍ରାର୍ଥନାର ଉତ୍ତର ମିଳିବ ।

 ‘‘ପୁଣି ଆମ୍ଭେମାନେ ଯାହା ଯାହା ମାଗୁ, ସେହିସବୁ ତାହାଙ୍କଠାରୁ ପାଇଥାଉ, କାରଣ ଆମ୍ଭେମାନେ ତାହାଙ୍କର ଆଜ୍ଞା ପାଳନ କରୁ, ପୁଣି ତାହାଙ୍କର ଦୃଷ୍ଟିରେ ଯାହା ସନ୍ତୋଷଜନକ, ତାହା କରିଥାଉ ।’’ ୧ମ ଯୋହନ ୩:୨୨

## ଦୁଇଟି ସବୁଠାରୁ ବଡ଼ ଆଜ୍ଞା

### ପରମେଶ୍ୱରଙ୍କ ପ୍ରତି ପ୍ରେମ

୧. ସେ ତାହାଙ୍କୁ କହିଲେ, ତୁମ୍ଭେ ଆପଣାର ସମସ୍ତ ଅନ୍ତଃକରଣ, ସମସ୍ତ ପ୍ରାଣ ଓ ସମସ୍ତ ମନ ଦେଇ ପ୍ରଭୁ ଆପଣା ଈଶ୍ୱରଙ୍କୁ ପ୍ରେମ କର । ଏହାହିଁ ଶ୍ରେଷ୍ଠ ଓ ପ୍ରଥମ ଆଜ୍ଞା । ମାଥିଉ ୨୨:୩୭, ୩୮




### ମନୁଷ୍ୟ ପ୍ରତି ପ୍ରେମ

୨. ଦ୍ୱିତୀୟଟି ଏହାର ସଦୃଶ, ତୁମ୍ଭେ ଆପଣା ପ୍ରତିବାସୀକି ଆତ୍ମତୁଲ୍ୟ ପ୍ରେମ କର । ମାଥିଉ ୨୨:୩୯

ସମସ୍ତ ଦଶ ଆଜ୍ଞା (ପୃଷ୍ଠା ୩୪ ଏବଂ ୩୫)ର ସାରମର୍ମ ଏହି ଦୁଇ ଆଜ୍ଞାରେ ଅଛି ।

## ପ୍ରେମ ସବୁଠାରୁ ଶ୍ରେଷ୍ଠ

### ‘‘ଶ୍ରେଷ୍ଠ ପ୍ରେମର ଅଧ୍ୟାୟ’’

### (୧ମ କରିନ୍ଥୀୟ – ୧୩:୧–୮, ୧୩)

ଯଦି ମୁଁ ମନୁଷ୍ୟମାନଙ୍କ ଓ ଦୂତମାନଙ୍କ ଭାଷାରେ କଥା କହେ, କିନ୍ତୁ ମୋହର ପ୍ରେମ ନ ଥାଏ, ତେବେ ମୁଁ ଶବ୍ଦକାରକ ଘଣ୍ଟା କିମ୍ବା ଝମ୍ ଝମ୍ ଶବ୍ଦକାରୀ କରତାଳସ୍ୱରୂପ ହୋଇଅଛି । ଆଉ, ଯଦି ମୋହର ଭାବବାଣୀ କହିବାର ଶକ୍ତି ଥାଏ ଏବଂ ମୁଁ ସମସ୍ତ ନିଗୂଢ଼ ତତ୍ତ୍ୱ ଓ ସମସ୍ତ ଜ୍ଞାନରେ ପାରଦର୍ଶୀ ହୋଇଥାଏ, ପୁଣି ପର୍ବତକୁ ସ୍ଥାନାନ୍ତର କରିବା ନିମନ୍ତେ ମୋହର ସମ୍ପୂର୍ଣ୍ଣ ବିଶ୍ୱାସ ଥାଏ, କିନ୍ତୁ ମୋହର ପ୍ରେମ ନ ଥାଏ, ତେବେ ମୁଁ କିଛି ନୁହେଁ । ପୁଣି ଯଦି ମୁଁ ଦରିଦ୍ରମାନଙ୍କୁ ଭୋଜନ କରାଇବା ନିମନ୍ତେ ମୋହର ସର୍ବସ୍ୱ ବିତରଣ କରେ, ପୁଣି ଯଦି ମୁଁ ମୋହର ଶରୀରକୁ ଦଗ୍ଧ ହେବା ନିମନ୍ତେ

୩୫ ସମର୍ପଣ କରେ, କିନ୍ତୁ ମୋହର ପ୍ରେମ ନ ଥାଏ, ତେବେ ମୋହର କିଛି ଲାଭ ନାହିଁ ।
ପ୍ରେମ ଦୀର୍ଘସହିଷ୍ଣୁ, ପ୍ରେମ ହିତଜନକ, ଈର୍ଷା କରେ ନାହିଁ, ଆତ୍ମବଡ଼ିମା କରେ ନାହିଁ, ଅହଙ୍କାର
କରେ ନାହିଁ, ଅନୁଚିତ ବ୍ୟବହାର କରେ ନାହିଁ, ସ୍ୱାର୍ଥ ଚେଷ୍ଟା କରେ ନାହିଁ, ବିରକ୍ତ ହୁଏ ନାହିଁ,
ଅପକାର ସ୍ମରଣରେ ରଖେ ନାହିଁ, ଅଧର୍ମରେ ଆନନ୍ଦ କରେ ନାହିଁ, କିନ୍ତୁ ସତ୍ୟରେ ଆନନ୍ଦ
କରେ; ସମସ୍ତ ସହ୍ୟ କରେ, ସମସ୍ତ ବିଶ୍ୱାସ କରେ, ସମସ୍ତ ଭରସା କରେ, ସମସ୍ତ ବିଷୟରେ
ଧୈର୍ଯ୍ୟ ଧରି ରହେ । ପ୍ରେମ କଦାପି ଶେଷ ହୁଏ ନାହିଁ; କିନ୍ତୁ ଯଦି ଭାବବାଣୀ ଥାଏ, ତାହା
ଲୋପ ହେବ; ଯଦି ପରଭାଷା ଥାଏ, ସେହିସବୁ ନିବୃତ୍ତ ହେବ; ଯଦି ଜ୍ଞାନ ଥାଏ, ତାହା
ଲୋପ ହେବ ।
ଅତଏବ ବିଶ୍ୱାସ, ଭରସା, ପ୍ରେମ, ଏହି ତିନି ସ୍ଥାୟୀ ଅଟେ, ଆଉ ଏମାନଙ୍କ ମଧ୍ୟରେ ପ୍ରେମ
ଉତ୍କୃଷ୍ଟ ।

## ପରମେଶ୍ୱର ପ୍ରେମମୟ ଅଟନ୍ତି

‘‘... ଈଶ୍ୱର ତ ପ୍ରେମ । ଯେ ପ୍ରେମରେ ରହେ, ସେ ଈଶ୍ୱରଙ୍କଠାରେ ରହେ ଓ ଈଶ୍ୱର ତାହା
ଠାରେ ରହନ୍ତି ।’’ ୧ମ ଯୋହନ ୪:୧୬

# ଯୀଶୁ ଚାହାନ୍ତି ଆପଣ ତାଙ୍କର ସାକ୍ଷ୍ୟ ଦିଅନ୍ତୁ
## (ଘରେ, ସ୍କୁଲରେ ଓ ଯେକୌଣସିଠାରେ)



''ଯୀଶୁ କହିଲେ ... ତୁମ୍ଭର ଗୃହକୁ ତୁମ୍ଭର ଆତ୍ମୀୟମାନଙ୍କ ନିକଟକୁ ଯାଅ, ପୁଣି ପ୍ରଭୁ ତୁମ୍ଭ ନିମନ୍ତେ ଯେ ଯେ କର୍ମ କରିଅଛନ୍ତି ଓ ତୁମ୍ଭ ପ୍ରତି ଯେଉଁ ଦୟା ଦେଖାଇଅଛନ୍ତି, ସେହିସବୁ ସେମାନଙ୍କୁ ଜଣାଅ ।'' ମାର୍କ ୫:୧୯

‘‘ଅତଏବ ସେମାନଙ୍କ ଫଳ ଦ୍ୱାରା ସେମାନଙ୍କୁ ଚିହ୍ନିବ ।’’ ମାଥିଉ ୭:୨୦

‘‘କିନ୍ତୁ ଆତ୍ମାଙ୍କ ଫଳ ପ୍ରେମ, ଆନନ୍ଦ, ଶାନ୍ତି, ଦୀର୍ଘସହିଷ୍ଣୁତା, ପରୋପକାରିତା, ଭଦ୍ରତା, ବିଶ୍ୱସ୍ତତା, ମୃଦୁତା ଓ ଆତ୍ମସଂଯମ ... ।’’ ଗାଲାତୀୟ ୫:୨୨, ୨୩

## ପରମେଶ୍ୱରଙ୍କ ସନ୍ତାନ ଅନ୍ୟକୁ କ୍ଷମାକରେ ।

‘‘କାରଣ ଯଦି ତୁମେ ମନୁଷ୍ୟର ଅପରାଧ କ୍ଷମା କର ତେବେ ତୁମ୍ଭମାନଙ୍କର ପିତା ମଧ୍ୟ ତୁମ୍ଭର ଅପରାଧକୁ କ୍ଷମା କରିବେ ।’’ ମାଥିଉ ୬:୧୪

## ସପ୍ତବସ୍ତୁ ସଦାପ୍ରଭୁ ଘୃଣା କରନ୍ତି ।

‘‘ଅହଂକାର-ଦୃଷ୍ଟି, ମିଥ୍ୟାବାଦ- ଜିହ୍ୱା ଓ ନିର୍ଦ୍ଦୋଷର ରକ୍ତପାତକାରୀ-ହସ୍ତ; ଅନିଷ୍ଟଚିନ୍ତକ ଅନ୍ତଃକରଣ, କୁକର୍ମ କରିବାକୁ ବେଗଗାମୀ ଚରଣ; ମିଥ୍ୟାସାକ୍ଷୀ ଯେ ମିଥ୍ୟା କହେ, ଓ ଯେ ଭାଇମାନଙ୍କ ମଧ୍ୟରେ କଳିର ବୀଜ ବୁଣଇ ।’’ ହିତୋପଦେଶ ୬:୧୭-୧୯




## ଶାରୀରିକ କାର୍ଯ୍ୟ :


''ଶରୀରର କାର୍ଯ୍ୟଗୁଡ଼ାକ ତ ସ୍ପଷ୍ଟରୂପେ ଜଣା – ବ୍ୟଭିଚାର, ଅଶୁଚିତା, କାମୁକତା, ପ୍ରତିମାପୂଜା, କୁହୁକ, ଶତ୍ରୁତା, ବିବାଦ, ଦ୍ୱେଷ, କ୍ରୋଧ, ସ୍ୱାର୍ଥପରତା, ଦଳଭେଦ, ମତଭେଦ, ଈର୍ଷା, ମତ୍ତତା, ରଙ୍ଗରସ, ଇତ୍ୟାଦି ପ୍ରକାର କର୍ମଗୁଡ଼ାକ, ମୁଁ ପୂର୍ବରେ ଯେପରି ତୁମ୍ଭମାନଙ୍କୁ କହିଥିଲି, ସେହିପରି ଆଗରୁ କହୁଅଛି ଯେ, ଯେଉଁମାନେ ଏହି ସବୁପ୍ରକାର କର୍ମ କରନ୍ତି, ସେମାନେ ଈଶ୍ୱରଙ୍କ ରାଜ୍ୟର ଅଧିକାରୀ ହେବେ ନାହିଁ ।'' ଗାଲାତୀୟ ୫:୧୯–୨୧

''... କି ପୁଂମୈଥୁନକାରୀ କି ଚୋର କି ଧନଲୋଭୀ ...।'' ୧ମ କରିନ୍ଥୀ ୬:୯

# ଯୀଶୁ ଆପଣଙ୍କୁ ଆତ୍ମାରେ ପରିପୂର୍ଣ୍ଣ କରନ୍ତୁ ଏବଂ ଆପଣଙ୍କୁ ଶୁଦ୍ଧ କରନ୍ତୁ ।

''ଆଉ, ତୁମ୍ଭମାନଙ୍କ ମଧ୍ୟରୁ କେହି କେହି ଏହିପ୍ରକାର ଥିଲ : କିନ୍ତୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଓ ଆମ୍ଭମାନଙ୍କ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ତୁମ୍ଭେମାନେ ଧୌତ ହୋଇଅଛ, ପବିତ୍ରୀକୃତ ହୋଇଅଛ ଓ ଧାର୍ମିକ ବୋଲି ଗଣିତ ହୋଇଅଛ ।'' ୧ କରିନ୍ଥୀ ୬:୧୧

# ନରକ ଏକ ବାସ୍ତବିକ ସ୍ଥାନ (ଲୂକ ୧୬:୧୯–୨୬ ପଢ଼ନ୍ତୁ)



ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କରନ୍ତୁ, ସେ ଆପଣଙ୍କ ନାମ ଜୀବନ ପୁସ୍ତକରେ ଲେଖିବେ ।

''ଯାହାର ନାମ ଜୀବନ ପୁସ୍ତକରେ ଲେଖା ହୋଇଥିବାର ଦେଖା ନ ଗଲା, ତାହାକୁ ଅଗ୍ନିମୟ ହ୍ରଦରେ ପକାଗଲା ।'' ପ୍ରକାଶିତ ବାକ୍ୟ ୨୦:୧୫

''... ଈଶ୍ୱର ଆମ୍ଭମାନଙ୍କୁ ଅନନ୍ତ ଜୀବନ ଦେଇଅଛନ୍ତି, ପୁଣି ସେହି ଜୀବନ ତାହାଙ୍କ ପୁତ୍ରଙ୍କଠାରେ ଅଛି ।'' ୧ମ ଯୋହନ ୫:୧୧

''କାରଣ ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ ।'' ରୋମୀୟ ୬:୨୩

''ଯେ ପୁତ୍ରଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପ୍ରାପ୍ତ ହୋଇଅଛି । ମାତ୍ର ଯେ ପୁତ୍ରଙ୍କୁ ଅମାନ୍ୟ କରେ, ସେ ଜୀବନ ଦେଖିବ ନାହିଁ, କିନ୍ତୁ ସେ ଈଶ୍ୱରଙ୍କ କ୍ରୋଧର ପାତ୍ର ହୋଇ ରହିଥାଏ ।'' ଯୋହନ ୩:୩୬

''ଯୀଶୁ ତାହାଙ୍କୁ କହିଲେ, ମୁଁ ପଥ, ସତ୍ୟ ଓ ଜୀବନ; ମୋ' ଦେଇ ନ ଗଲେ କେହି ପିତାଙ୍କ ନିକଟକୁ ଯାଏ ନାହିଁ ।'' ଯୋହନ ୧୪:୬

# ସ୍ୱର୍ଗ ଏକ ବାସ୍ତବିକ ସ୍ଥାନ



ପ୍ରକାଶିତ ବାକ୍ୟ ୨୧ ଅଧ୍ୟାୟରେ ଯୋହନଙ୍କ ଦର୍ଶନ ଯେଉଁଠାରେ ସେ ଏକ ନୂତନ ସ୍ୱର୍ଗ ଏବଂ ଏକ ନୂତନ ପୃଥିବୀ ଦେଖିଲେ । ‘‘ପୁଣି ଈଶ୍ୱର ସ୍ୱୟଂ ସେମାନଙ୍କ ସଙ୍ଗରେ ରହିବେ ଓ ସେମାନଙ୍କ ଚକ୍ଷୁରୁ ସମସ୍ତ ଅଶ୍ରୁଜଳ ପୋଛିଦେବେ; ମୃତ୍ୟୁ ଆଉ ଘଟିବ ନାହିଁ, ଶୋକ କି କ୍ରନ୍ଦନ କି ବ୍ୟଥା ଆଉ ହେବ ନାହିଁ; କାରଣ ପୂର୍ବ ବିଷୟସବୁ ଲୋପ ପାଇଅଛି । ପରେ ସିଂହାସନୋପବିଷ୍ଟ ବ୍ୟକ୍ତି କହିଲେ, ଦେଖ, ଆମ୍ଭେ ସମସ୍ତ ବିଷୟ ନୂତନ କରୁଅଛୁ । ଆଉ ସେ କହିଲେ, ଲେଖ, କାରଣ ଏହି ସମସ୍ତ ବାକ୍ୟ ବିଶ୍ୱସନୀୟ ଓ ସତ୍ୟ ।’’ ପ୍ରକାଶିତ ବାକ୍ୟ ୨୧:୪, ୫

ପବିତ୍ର ନଗରୀ ଯିରୁଶାଲମ ସ୍ୱର୍ଗରୁ ତଳକୁ ଓହ୍ଲାଇ ଆସୁଥିବାର ଦର୍ଶନ ଯୋହନ ଦେଖିଲେ । ସେହି ପ୍ରାଚୀର ସୂର୍ଯ୍ୟକାନ୍ତମଣି ନିର୍ମିତ, ପୁଣି ନଗରୀଟି ନିର୍ମଳ କାଚ ପରି ଶୁଦ୍ଧ ସୁବର୍ଣ୍ଣ ନିର୍ମିତ । ପ୍ରକାଶିତ ବାକ୍ୟ ୨୧:୧୮

# ବିଶ୍ୱାସୀମାନଙ୍କ ପାଇଁ କୋଠରୀ ନିର୍ମାଣ କରିବା ପାଇଁ ଯୀଶୁ ସ୍ୱର୍ଗ ଯାଇଛନ୍ତି

‘‘ତୁମ୍ଭମାନଙ୍କ ହୃଦୟ ଉଦ୍‌ବିଗ୍ନ ନ ହେଉ; ତୁମ୍ଭେମାନେ ଈଶ୍ୱରଙ୍କଠାରେ ବିଶ୍ୱାସ କର, ମୋʼଠାରେ ମଧ୍ୟ ବିଶ୍ୱାସ କର । ମୋହର ପିତାଙ୍କ ଗୃହରେ ଅନେକ ବାସସ୍ଥାନ ଅଛି; ଯଦି ନ ଥାଆନ୍ତା, ତାହା ହେଲେ ମୁଁ ତୁମ୍ଭମାନଙ୍କୁ କହିଥାଆନ୍ତି, ମୁଁ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କରିବାକୁ ଯାଉଅଛି; ପୁଣି, ମୁଁ ଯାଇ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କଲେ ପୁନର୍ବାର ଆସିବି, ଆଉ ମୁଁ ଯେଉଁ ସ୍ଥାନରେ ଥାଏ, ତୁମ୍ଭେମାନେ ମଧ୍ୟ ଯେପରି ସେହି ସ୍ଥାନରେ ରହିବ, ସେଥିନିମନ୍ତେ ତୁମ୍ଭମାନଙ୍କୁ ଆପଣା ନିକଟକୁ ଘେନିଯିବି ।’’

ଯୋହନ ୧୪:୧–୩

# ଏହି ସୁସମାଚାର ଅନ୍ୟକୁ ମଧ୍ୟ ଜଣାଅ

‘‘ତୁମ୍ଭେମାନେ ସମୁଦାୟ ଜଗତକୁ ଯାଇ ସମସ୍ତ ମାନବଜାତି ନିକଟରେ ସୁସମାଚାର ଘୋଷଣା କର ।’’

ମାର୍କ ୧୬:୧୫

''... ଆମ୍ଭେ ତୁମ୍ଭକୁ କେବେହେଁ ଛାଡ଼ିବା ନାହିଁ, ଆମ୍ଭେ ତୁମ୍ଭକୁ କେବେହେଁ ପରିତ୍ୟାଗ କରିବା ନାହିଁ ।'' ଏବ୍ରୀ ୧୩:୫

''କାରଣ ସେ ତୁମ୍ଭର ସବୁ ଗତିରେ ତୁମ୍ଭକୁ ରକ୍ଷା କରିବା ପାଇଁ ଆପଣା ଦୂତଗଣକୁ ତୁମ୍ଭ ବିଷୟରେ ଆଜ୍ଞା ଦେବେ ।'' ଗୀତସଂହିତା ୯୧:୧୧

''... ପିତାଙ୍କ ହସ୍ତରୁ କେହି ତାହା ହରଣ କରି ପାରେ ନାହିଁ ।'' ଯୋହନ ୧୦:୨୯

''ଆଉ ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି ।'' ମାଥିଉ ୨୮:୨୦




''... ତୁମ୍ଭେ ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଥାଅ, ସେଥିରେ ଆମ୍ଭେ ତୁମ୍ଭକୁ ଜୀବନରୂପ ମୁକୁଟ ଦେବୁ ।'' ପ୍ରକାଶିତ ବାକ୍ୟ ୨:୧୦

''... ମୁଁ ଅନ୍ଧକାରରେ ବସିଲେ ସଦାପ୍ରଭୁ ମୋର ଦୀପ୍ତିସ୍ୱରୂପ ହେବେ ।'' ମୀଖା ୭:୮

''ତୁମ୍ଭେ ଆମ୍ଭ ନିକଟରେ ପ୍ରାର୍ଥନା କର, ତହିଁରେ ଆମ୍ଭେ ତୁମ୍ଭକୁ ଉତ୍ତର ଦେବା ।'' ଯିରିମିୟ ୩୩:୩

## ପ୍ରଭୁଙ୍କ ଲୋକ ପ୍ରଥମେ ଉଠିବେ ...



''ପରେ ଆମ୍ଭେମାନେ ଯେତେ ଲୋକ ଜୀବିତ ରହି ଅବଶିଷ୍ଟ ଥିବୁ, ପ୍ରଭୁଙ୍କ ସହିତ ସାକ୍ଷାତ କରିବା ନିମନ୍ତେ ଆମ୍ଭେମାନେ ମେଘମାଳାରେ ଶୂନ୍ୟମଣ୍ଡଳକୁ ନୀତ ହେବୁ ।''

୧ମ ଥେସଲନୀକିୟ ୪:୧୭

''ତୁମ୍ଭେମାନେ ସାବଧାନ ହୋଇଥାଅ, ଜାଗି ରୁହ; କାରଣ ସେ ସମୟ କେବେ ହେବ, ତାହା ତୁମ୍ଭେମାନେ ଜାଣ ନାହିଁ ।'' ମାର୍କ ୧୩:୩୩

## ଯୀଶୁ କିପରି ଫେରିବେ

''ଦେଖ, ସେ ମେଘମାଳାରେ ଆଗମନ କରୁଅଛନ୍ତି ... ।'' ପ୍ରକାଶିତ ୧:୭

## ଭଣ୍ଡଖ୍ରୀଷ୍ଟ ଏବଂ ଭଣ୍ଡଭାବବାଦୀଙ୍କଠାରୁ ସାବଧାନ



‘‘ସେତେବେଳେ ଦେଖ ଖ୍ରୀଷ୍ଟ ଏଠାରେ କିବା ‘ସେଠାରେ’ କେହି ଯେବେ ତୁମ୍ଭମାନଙ୍କୁ ଏପରି କହିବ ତେବେ ତାହା ବିଶ୍ୱାସ କର ନାହିଁ । କାରଣ ଭଣ୍ଡଖ୍ରୀଷ୍ଟମାନେ ଓ ଭଣ୍ଡଭାବବାଦୀମାନେ ଉଠି ଏପରି ମହା ମହା ଚିହ୍ନ ଓ ଅଦ୍ଭୁତ କର୍ମମାନ ଦେଖାଇବେ ଯେ, ଯଦି ସମ୍ଭବ ହୁଏ, ତେବେ ମନୋନୀତ ଲୋକଙ୍କୁ ସୁଦ୍ଧା ଭ୍ରାନ୍ତ କରିବେ ।’’ ମାଥିଉ ୨୪:୨୩–୨୪

## ଯୀଶୁ ଶୀଘ୍ର ମେଘମାଳାରେ ଆସିବେ

‘‘କାରଣ ବିଜୁଳି ଯେପରି ପୂର୍ବଦିଗରୁ ମାରି ପଶ୍ଚିମଦିଗ ପର୍ଯ୍ୟନ୍ତ ଦେଖାଯାଏ, ସେପରି ମନୁଷ୍ୟପୁତ୍ରଙ୍କର ଆଗମନ ହେବ ।’’ ମାଥିଉ ୨୪:୨୭, ୩୦

# ମେଷପାଳକର ଗୀତ -୨୩

୧. ସଦାପ୍ରଭୁ ମୋର ପ୍ରତିପାଳକ, ମୋର ଅଭାବ ହେବ ନାହିଁ ।
୨. ସେ କୋମଳ ତୃଣମୟ ସ୍ଥାନରେ ମୋତେ ଶୟନ କରାନ୍ତି ସେ ସ୍ଥିର ଜଳ ପାଖେ ପାଖେ ମୋତେ କଢ଼ାଇ ନିଅନ୍ତି ।
୩. ସେ ମୋ ପ୍ରାଣକୁ ସୁସ୍ଥ କରନ୍ତି । ସେ ଆପଣା ନାମ ସକାଶୁ ଧର୍ମପଥରେ ମୋତେ କଢ଼ାଇ ନିଅନ୍ତି ।
୪. ଏଣୁ ମୁଁ ମୃତ୍ୟୁଛାୟାରୂପ ଉପତ୍ୟକା ଦେଇ ଗମନ କଲେହେଁ କୌଣସି ଆପଦକୁ ଭୟ କରିବି ନାହିଁ; କାରଣ ତୁମ୍ଭେ ମୋହର ସହବର୍ତ୍ତୀ; ତୁମ୍ଭର ପାଞ୍ଚଣ ଓ ତୁମ୍ଭର ବାଡ଼ି ମୋତେ ସାନ୍ତ୍ୱନା ଦିଅନ୍ତି ।
୫. ତୁମ୍ଭେ ମୋ ଶତ୍ରୁଗଣଙ୍କ ସାକ୍ଷାତରେ ମୋ ସମ୍ମୁଖରେ ମେଜ ସଜାଉଅଛ । ତୁମ୍ଭେ ତୈଳରେ ମୋ ମସ୍ତକ ସିକ୍ତ କରିଅଛ; ମୋ ପାନପାତ୍ର ଉଚ୍ଛୁଳି ପଡୁଅଛି
୬. ନିଶ୍ଚୟ ମଙ୍ଗଳ ଓ ଦୟା ମୋହର ଜୀବନ ଯାଏ ମୋହର ପଶ୍ଚାଦ୍‌ଗାମୀ ହେବ । ପୁଣି ମୁଁ ସର୍ବଦା ସଦାପ୍ରଭୁଙ୍କ ଗୃହରେ ବାସ କରିବି ।

Published in numerous languages by World Missionary Press, Inc. as God supplies funds in answer to prayer. If you would like more copies for prayerful distribution, specify which language(s) you need and how many booklets.

For more information or to request a free Bible study, please write to:

**WMP**
**India Bible Literature**
**67 Beracah Road**
**Kilpauk**
**Chennai 600 010**

Read booklets online or by App
www.wmp-readonline.org

www.wmpress.org

6-17

2259 Odia (Oriya) WTG

